# ଜେ. ଏଲ୍. ଜୈନ୍

# ବନାମ

# ଭାରତ ସଂଘ ଏବଂ ଅନ୍ୟମାନେ

# ଫେବୃଆରୀ 15, 1996

# [କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

*ବିଭାଗୀୟ ତଦନ୍ତ — ପୁନଃ-ଉନ୍ମୋଚନ — କର୍ମଚାରୀଙ୍କୁ ଗୋଟିଏ ଶେଷ ସୁଯୋଗ ଦିଆଯିବା ଉଚିତ — ଯଦି କର୍ମଚାରୀ ତଦନ୍ତରେ ଅଂଶଗ୍ରହଣ କରିବାରେ ଏବଂ ନିଜର ପକ୍ଷ ରଖିବାରେ ବିଫଳ ହୁଅନ୍ତି, ତେବେ ସେ ନିଜର ପ୍ରତିରକ୍ଷା ଅଧିକାର ହରାଇବେ — ଅଭିଯୋଗ ପ୍ରମାଣିତ କରିବା ପାଇଁ ତଦନ୍ତ ଅଧିକାରୀ ସମସ୍ତ ସାକ୍ଷୀଙ୍କୁ ଉପଲବ୍ଧ କରାଇବେ — କର୍ମଚାରୀଙ୍କ ପାଇଁ ସେମାନଙ୍କୁ ଜେରା କରିବା ପାଇଁ ସୁଯୋଗ ଉନ୍ମୁକ୍ତ ରହିବ — ପ୍ରତିରକ୍ଷା ସାକ୍ଷ୍ୟ ପ୍ରଦାନ ପାଇଁ ମଧ୍ୟ ସୁଯୋଗ ଦିଆଯିବ — ଏହା ପରେ ତଦନ୍ତ ଅଧିକାରୀ ନିୟମ ଅନୁଯାୟୀ ଆଗକୁ ବଢ଼ିବା ପାଇଁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନ ରହିବେ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3636/1996 ।

ଓ.ଏ. ସଂଖ୍ୟା 1508/1992 ରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 26.10.94 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଅନିସ୍ ସୋହରାୱାର୍ଦୀ, ସୁଶ୍ରୀ ଶୋମାନା ଅନିସ୍ ଏବଂ ଜେ.ଏ. ଖାନ୍ ।

ଉତ୍ତରଦାତାମାନଙ୍କ ତରଫରୁ ଏ.ଡି.ଏନ୍. ରାଓ ଏବଂ ଅରବିନ୍ଦ କୁମାର ଶର୍ମା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଆମ୍ଭେ ଉଭୟ ପକ୍ଷର ଓକିଲଙ୍କ ଯୁକ୍ତିକୁ ଶୁଣିଛୁ ।

ଏହି ମାମଲାରେ ଜାରି କରାଯାଇଥିବା ବିଜ୍ଞପ୍ତି ନିଜେ ସୂଚାଉଛି ଯେ କାହିଁକି ତଦନ୍ତ ପୁନଃ-ଉନ୍ମୋଚନ କରାଯିବା ଉଚିତ ନୁହେଁ; ତଦନ୍ତ ଅଧିକାରୀ ଅପିଲକାରୀଙ୍କୁ ତଦନ୍ତରେ ଅଂଶଗ୍ରହଣ କରିବା ପାଇଁ ଆଉ ଏକ ସୁଯୋଗ ଦେବା ଉଚିତ ନୁହେଁ । ଏହା ମଧ୍ୟ ଦର୍ଶାଯାଇଥିଲା ଯେ ଯଦି ଉତ୍ତରଦାତା ମାମଲାକୁ ପୁନଃ-ଉନ୍ମୋଚନ କରିବା ପାଇଁ ସମ୍ମତି ପ୍ରଦାନ କରନ୍ତି, ତେବେ ତାହା ଅପିଲକାରୀଙ୍କୁ କେବଳ ଗୋଟିଏ ଥର ସୁଯୋଗ ପ୍ରଦାନ ମଧ୍ୟରେ ସୀମିତ ରହିବ ଏବଂ ଯଦି ଅପିଲକାରୀ ତଦନ୍ତରେ ଅଂଶଗ୍ରହଣ ନକରନ୍ତି ଏବଂ ନିଜର ପକ୍ଷ ଉପସ୍ଥାପନ ନକରନ୍ତି, ତେବେ ସେ ନିଜର ପ୍ରତିରକ୍ଷା ଅଧିକାର ହରାଇବେ। ଉକ୍ତ ବିଜ୍ଞପ୍ତି ଏବଂ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ପାଲଟା ଶପଥ ପତ୍ରରେ ସୁଯୋଗ ଦେବା ନେଇ ଦିଆଯାଇଥିବା ସମ୍ମତିକୁ ଦୃଷ୍ଟିରେ ରଖି, ଆକ୍ଷେପିତ ଆଦେଶକୁ ବାତିଲ କରାଯାଉଛି ଏବଂ ଅପିଲକାରୀଙ୍କୁ ତଦନ୍ତରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଉଛି । ତଦନ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ ସେ ଅପିଲକାରୀଙ୍କୁ ପଞ୍ଜୀକୃତ ଡାକ ମାଧ୍ୟମରେ ଏକ ବିଜ୍ଞପ୍ତି ଜାରି କରିବେ, ଯେଉଁଥିରେ 30 ଦିନର ସମୟ ଦେଇ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯିବ, ଯେଉଁ ଦିନ ଅପିଲକାରୀ ହାଜର ହୋଇ ତଦନ୍ତରେ ଅଂଶଗ୍ରହଣ କରିବେ । ତଦନ୍ତ ଅଧିକାରୀଙ୍କୁ ଆହୁରି ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି ଯେ ସେହି ଦିନ ଅଭିଯୋଗ ପ୍ରମାଣିତ କରିବା ପାଇଁ ସମସ୍ତ ସାକ୍ଷୀଙ୍କୁ ଉପଲବ୍ଧ କରାଇବେ ଏବଂ ଅପିଲକାରୀଙ୍କ ପାଇଁ ସେହି ସାକ୍ଷୀମାନଙ୍କୁ ଜେରା କରିବା ପାଇଁ ସୁଯୋଗ ଖୋଲା ରହିବ । ଯଦି ଅପିଲକାରୀ ନିଜ ପକ୍ଷରୁ କୌଣସି ପ୍ରତିରକ୍ଷା ସାକ୍ଷ୍ୟ ଉପସ୍ଥାପନ କରିବାକୁ ଚାହାନ୍ତି, ତେବେ ତାଙ୍କୁ ଅନ୍ୟ ଏକ ତାରିଖ ପ୍ରଦାନ କରିବାକୁ ତଦନ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଉଛି; ସେହି ସାକ୍ଷୀମାନଙ୍କ ଯାଞ୍ଚ ପରେ ତଦନ୍ତ ସମାପ୍ତ ହେବ । ଏହା ପରେ ତଦନ୍ତ ଅଧିକାରୀ ନିୟମ ଅନୁଯାୟୀ ଆଗକୁ ବଢ଼ିବା ପାଇଁ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ୱାଧୀନ ରହିବେ ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

“ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ” ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**